ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧୩ ଡିସେମ୍ବର, ୨୦୧୮ ଗୁରୁବାର

ଅଞ୍ଚଳ ଖବର

ଧାନ ସଂଗ୍ରହରେ ଅଚଳାବସ୍ଥା ଜାରି

ଖୋଲା ଆକାଶ ତଳେ ପଡିଛି ୬ ହଜାର ବସ୍ତା ଧାନ

୧୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ନୂଆପଡ଼ା ଜିଲ୍ଲା ପ୍ରଶାସନ ବେପରୁଆ ମନୋଭାବ ଯୋଗୁଁ ଖରିଫ ଧାନ ସଂଗ୍ରହ ୨୦ ଦିନ ବିତି ଯାଇଥିଲେ ବି ଅଚଳାବସ୍ଥା ଜାରି ରହିଛି । ସଦର ବ୍ଲକ ସାରାବଙ୍ଗ ପେକ୍ସର ମୋହରାଡିହି ଓ ଧରମବନ୍ଧା ମଣ୍ଡିରେ ଏବେ ଖୋଲା ଆକାଶ ତଳେ ୬,୩୮୧ ବସ୍ତାରେ ପ୍ରାୟ ୩ ହଜାର କ୍ୱିଣ୍ଟାଲ ଧାନ ପଡି ରହିଛି । ଏବେ ଲଘୁଚାପର ପ୍ରଭାବରେ ଆକାଶରେ କଳା ବାଦଲ ଆଚ୍ଛନ୍ନ ହୋଇ ରହିଥିବାରୁ ଚାଷୀଙ୍କୁ ଲଘୁଚାପ ବର୍ଷା ଚିନ୍ତା ଘାରିଛି ।

ସାରବାଙ୍ଗ ପେକ୍ସ ଅଧିନରେ ମୋହରାଡିହୀ ଧାନ ସଂଗ୍ରହ କେନ୍ଦ୍ର ପରିଚାଳିତ ହେଉଛି । ଖରିଆରରୋଡର ବୀର ବଜରଙ୍ଗ ଫୁଡ ପ୍ରଡକ୍ସନ ଓ ନିର୍ମଳ ରାଇସ ମିଲ ଧାନ ସଂଗ୍ରହ କରିବାକୁ ନିର୍ଦ୍ଦେଷ ରହିଛି । ଗତ କାଲି ୩୨ ଜଣ ଚାଷୀ ୩୩୪୦ ବସ୍ତା ଧାନ ବିକ୍ରି ପାଇଁ ଆଣିଥିଲେ । ମିଲର୍ସମାନେ କ୍ୱିଣ୍ଟାଲ ପିଛା ୧.୫/୨ କେଜି ଧାନ କଟନୀ ଛଟନୀ କରିବାକୁ କହିବାରୁ ଚାଷୀ ରାଜି ହୋଇନଥିଲେ । ଚାଷୀ ୧ କେଜି କଟନୀ ଛଟନୀ ଦେବାରୁ ରାଜି ହୋଇଥିଲେ ବି ମିଲର ଧାନ ଉଠାଇବାକୁ ରୋକ ଠୋକ ମନା କରି ଦେଇଥିଲେ । ଅପରାହ୍ନରେ ସ୍ଥାନୀୟ ବିଧାୟକ ବସନ୍ତ ପଣ୍ଡା ହସ୍ତକ୍ଷେପ କରିବାରୁ ୧୭ ଜଣ ଚାଷୀଙ୍କ ୭୪୩.୫୪ କ୍ୱିଣ୍ଟାନ ଧାନ ଉଠିଥିଲା । ୧୫ ଜଣ ଚାଷୀ ୧୬୬୧ ବସ୍ତା ଧାନକୁ ମିଲର ଉଠାଇବାକୁ ମନା କରିବାରୁ ମଣ୍ଡିରେ ପଡି ରହିଥିଲା । ଆଜି ପୁଣି ୩୨ ଜଣ ଚାଷୀ ୫୩୨୦ ବସ୍ତା ବିକ୍ରି କରିବାକୁ ଆଣିଥିଲେ । ସକାଳେ ପେକ୍ସ, ଆରଏମସି କର୍ମଚାରୀ ମଣ୍ଡିରେ ପହଞ୍ଚି ଥିଲେ । ମିଲରଙ୍କ ବଦଳରେ ମୁନସିମାନେ ଆସିଥିଲେ । ଧାନର ମାନ ଉତ୍ତମ ଥିବା ସତ୍ତ୍ୱେ କ୍ୱିଣ୍ଟାଲ ପିଛା ୨/୩ କେଜି କଟନୀ ଛଟନୀ କରିବାକୁ ମିଲର କହିଥିଲେ । ଚାଷୀ ୧ କେଜି ଦେବାକୁ ରାଜି ହୋଇଥିଲେ ବି ମିଲର ନିଜ ଜିଦରେ ଅଟଳ ରହି ଧାନ ଉଠାଇବାକୁ ମାନ କରିଥିଲେ । ପେକ୍ସ ଓ ଆରଏମସି କର୍ମଚାରୀ ୧୦ ଜଣ ଚାଷୀଙ୍କ ଧାନକୁ ଏଫଏକ୍ୟୁ ମାନର ନିରୁପଣ କରି ଉଠାଇବାକୁ ଅନୁରୋଧ କରିଥିଲେ ବି କୌଣସି ଧାନ ଉଠାଇନଥିଲେ । ଏମିତିକି ଧାନ ଉଠାଇବାକୁ ଆଣିଥିବା ତିନୋଟି ଟ୍ରକକୁ ଖାଲି ଫେରାଇ ନେଇଥିଲେ । ଏବେ ମଣ୍ଡିରେ ୫୧୮୧ ବସ୍ତା ଧାନ ପଡି ରହିଛି । ସେହିପରି ଧରମବନ୍ଧା ମଣ୍ଡିରେ ୧୧ ଜଣ ଚାଷୀଙ୍କ ୧୨ ଶହ ବସ୍ତା ଧାନ ପଡି ରହିଛି । ଏମିତି ଦୁଇଟି ମଣ୍ଡିରେ ୬,୩୮୧ ବସ୍ତାରେ ପ୍ରାୟ ୩ ହଜାର କ୍ୱିଣ୍ଟାଲ ଧାନ ମଣ୍ଡିରେ ପଡି ରହିଛି । ଏହି ଦୁଇ ମଣ୍ଡି ସୁନାବେଡା ଅଭୟାରଣ୍ୟରେ ପାଦ ଦେଶରେ ରହିଥିବାରୁ ରାତିରେ ବନ୍ୟଜନ୍ତୁଙ୍କ ଭୟ ରହୁଛି । ଗାଁ ମୁଣ୍ଡର ଜଙ୍ଗଲ ଇଲାକା ନିଛାଟିଆ ସ୍ଥାନରେ ଚାଷୀ ବିପଦ ପୂର୍ଣ୍ଣ ଭାବେ ଜୀବନକୁ ବାଜି ଲଗାଇ ଶୀତ କାକରରେ ଧାନକୁ ରାତି ସାରା ଜଗି ରହୁଛନ୍ତି । ଏବେ ଲଘୁଚାପ ପ୍ରଭାବରେ ଆକାଶରେ କଳା ବାଦଲ ଚାଷୀଙ୍କ ଆଖିରୁ ନିଦ ଓ ପେଟରୁ ଭୋକ ହଜାଇ ଦେଇଛି । ସମାନ୍ୟ ବର୍ଷାରେ ଧାନ ଭିଜି ଗଲେ ବିକ୍ରି ହେବ ନାହିଁ ବୋଲି ଚାଷୀକୁ ଚିନ୍ତା ଘାରିଛି । ଏଭଳି ସ୍ଥିତିରେ ମିଲର ନିଜ ଜିଦରେ ଅଟଳ ରହି ଚାଷୀଙ୍କୁ ହଇରାଣ ହରକତ କରୁଥିବା ବେଳେ ଜିଲ୍ଲା ପ୍ରଶାସନ ସବୁ ଜାଣି ଅଜଣା ହେବାର ଅଭିନୟ କରୁଛି । ଏମତି ଜିଲ୍ଲା ଅନେକ ଧାନ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଥିଲେ ବି ଏଆରସିଏସ, ଯୋଗାଣ, ଆରଏମସି ଅଧିକାରୀଙ୍କ ପାଖରେ କୌଣସି ଖବର ନାହିଁ । ମିଲରଙ୍କ ଇସାରାରେ ଜିଲ୍ଲା ପ୍ରଶାସନ ନାଚୁଥିବା ବେଳେ ଚାଷୀ ବହୁ କଷ୍ଟ ଉପାର୍ଜିତ ଫସଲକୁ ବିକ୍ରି କରିବା ପାଇଁ ସଂଗ୍ରାମ କରୁଛନ୍ତି । ଜିଲ୍ଲାପାଳ ନିଜର ଆଖି ଖୁଲି ଧାନ ସଂଗ୍ରହରେ ନିୟୋଜିତ ଅଧିକାରୀଙ୍କ ତାଗୀତ କରିବା ସହ ମିଲରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଚାଷୀ ସୁରୁଖୁରୁରେ ଧାନ ବିକ୍ରି କରି ପାରନ୍ତେ ବୋଲି ଚାଷୀ ସରାବଙ୍ଗର ଚାଷୀ ନେତା ପ୍ରକାଶ କଲାର, ମୋହରାଡିହି ମଣ୍ଡିର ଚାଷୀ ଭରତ ଦଣ୍ଡସେନା, ହୋମଲାଲ ପାଣ୍ଡେ, କପୁରସିଂ ମାଝୀ, ଭୂଖନଲାଲ ପାଣ୍ଡେ, ଚମନ ପାଣ୍ଡେ, ଅଜିତରାମ ପାଣ୍ଡେ, ତୁଲସିରାମ ପାଣ୍ଡେ, ହୋମଲାଲ ଧରୁଆ ଭିକମ ସାହୁ ପ୍ରମୁଖ ଦାବୀ କରିଛନ୍ତି । ଏନେଇ ଏଆରସିଏସ ଲିଙ୍ଗରାଜ ନାଏକଙ୍କୁ ପଚାରିବାରୁ, ମଣ୍ଡିରେ କେତେ ଧାନ ପଡିଛି ତାହା ଜାଣିନଥିବା କହିଥିଲେ । ଏନେଇ ଆରଏମସି ସମ୍ପାଦକ ପ୍ରଫୁଲ୍ଲ ମହାନନ୍ଦଙ୍କୁ ପଚାରିବାରୁ, ଗତ କାଲି ସୁଦ୍ଧା ଜିଲ୍ଲାରେ ୧,୨୩,୯୬୩.୭୬ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଛି । ଆଜିର ରିପୋର୍ଟ ଆସିନାହିଁ । ମଣ୍ଡିରେ ଧାନ ପଡିଥିବା ଜାଣି ନାହାନ୍ତି ବୋଲି କହିଥିଲେ ।

ରାଶିଫଳ ତା ୧୩.୧୨.୧୮



ପଣ୍ଡିତ ରାମଚନ୍ଦ୍ର ଆଚାର୍ଯ୍ୟ
ଷୋଳଭାଗପେଣ୍ଠ,
ଭାୟା – ସୁରଙ୍ଗୀ, ଗଞ୍ଜାମ
ମୋ-୯୪୩୯୩୨୬୭୯୮

ଗୁରୁବାର – ଷଷ୍ଠୀ
ନକ୍ଷତ୍ର : ଧନିଷ୍ଠା, କୁମ୍ଭ

ମେଷ : ସହଯୋଗ ଲାଭ, ଉନ୍ନତି ଯୋଗ, ଉଚ୍ଚ ଯୋଗ, ପ୍ରାପ୍ତ ଧନ, ସମ୍ମାନ ଯୋଗ, ଉଦ୍ୟମ ସଫଳ
ବୃଷ : ଧନଲାଭ, ଭାଗ୍ୟ ଲାଭ, ଉନ୍ନତି ଯୋଗ, ସ୍ନେହ ଯୋଗ, ଉଚ୍ଚ ମାନ୍ୟତା ଯୋଗ, ଭବ୍ୟ ଯୋଗ ଲାଭ
ମିଥୁନ : ବୃଥା କଳହ, ଅସ୍ଥିର ହାନି, ତିକ୍ତତା, ମାନ୍ଦାଗତି, ଉତ୍ସାହ ହୀନ, ଅସ୍ନେହ ଯୋଗ କରାଏ, କଳହ
କର୍କଟ : ଉଦ୍‌ବେଗତା, କ୍ଲାନ୍ତ ମନା, ବିଚଳିତ ଭାବ, ଅସହଯୋଗ, ବୃଥା ଭାବନା, ମାନସିକ ଅସ୍ଥିର, ଶତ୍ରୁ ପୀଡା
ସିଂହ : ଦେହ ଆଳସ୍ୟ, ଧନହାନି, ଉଦ୍‌ବେଗତା ପୀଡା, କର୍ମ କ୍ଲାନ୍ତ, ବାକ୍ ପଟୁତା, ଓ ଉଚ୍ଚବାଚ ଆଦି କରାଏ
କନ୍ୟା : ସୌଖ୍ୟ ଲାଭ, ମିତ୍ର ଯୋଗ, ଉନ୍ନତି ଲାଭ, ସ୍ନେହ ପ୍ରାପ୍ତ, ଧନ ଯୋଗ, ମିତ୍ର ସୌଖ୍ୟ, ବନ୍ଧୁ ସମାଗମ
ତୁଳା : ଧନଲାଭ, ଉନ୍ନତି ଲାଭ, ମହତ୍ ସୌଖ୍ୟ, ଯୋଗାଯୋଗ କ୍ଷେତ୍ରେ ବୃଦ୍ଧି, ସମ୍ମାନ ଓ ଯଶ ଲାଭ
ବିଛା : ବୃଥା ଭାବନା, ଉଦ୍‌ବେଗତା, କ୍ଲାନ୍ତ ଭାବ, ଶତ୍ରୁ ବୃଦ୍ଧି, ଧନଚିନ୍ତା, କର୍ମ କ୍ଷେତ୍ରେ ବିଶୃଙ୍ଖଳା ଯାତ, ଅସ୍ନେହ
ଧନୁ : ମିତ୍ର କଳହ, ବନ୍ଧୁ ଦ୍ୱେଷତା, କ୍ଲାନ୍ତ ଭାବ, ଗ୍ଲାନି ଯୋଗ, ଉଦ୍‌ଯୋଗ ହାନି, ଚିତ୍ତ କ୍ଲେଶ ଯାତ, ଉଦ୍‌ବିଗ୍ନ ଯୋଗ ହେବ, ଶ୍ରୀ ଲାଭ, ଧନ ସୌଖ୍ୟ, ଉଚ୍ଚ ଆଶା
ମକର : ଶ୍ରୀ ଲାଭ, ଧନ ସୌଖ୍ୟ, ଉଚ୍ଚ ଆଶା ସଫଳ ସମାଜର, ମିତ୍ର ସମ୍ମାନ ଲାଭ, ମହତ୍ ଯୋଗ, ଉନ୍ନତି ଲାଭ
କୁମ୍ଭ : ସହଯୋଗ ବୃଦ୍ଧି, ସ୍ନେହ ଲାଭ, ସମାଜର ଭବ୍ୟ ଯୋଗ, ଉଚ୍ଚ ସମ୍ମାନ, ମହତ ଯଶ ଯୋଗ, ଧନପ୍ରାପ୍ତ
ମୀନ : କଳହ, ତିକ୍ତତା, ଅସ୍ନେହ, କ୍ଲାନ୍ତ ଭାବ, ଅସହଯୋଗ, କର୍ମକ୍ଲାନ୍ତ, ଶତ୍ରୁ ବୃଦ୍ଧି, ଗୃହ ଦ୍ୱନ୍ଦ୍ୱ ସମସ୍ୟା

ପତ୍ନୀ ହତ୍ୟା ଅଭିଯୁକ୍ତକୁ କୋର୍ଟ ଚାଲାଣ

ବେତନଟୀ,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ଥାନା ଆଇଆଇସି ଗୋବିନ୍ଦଚନ୍ଦ୍ର ବେହେରା ଆଜି କୃଷ୍ଣଚନ୍ଦ୍ରପୁର ଫାଣ୍ଡି ଅଧୀନ ଜାମଶୋଳ (ନୟାବସନ୍ତପୁର)ର ଡାକ୍ତର ଦେହୁରୀକୁ କୋର୍ଟ ଚାଲାଣ କରିଥିବାର ଜଣାପଡିଛି । ଡାକ୍ତରକୁ ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରିବା ପରେ ପ୍ରଥମେ ବେତନଟୀ ଜେଏଏଫସି ଡ. ରିନତୀ ମିଶ୍ରଙ୍କ ସମ୍ମୁଖରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ଡାକ୍ତରକୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଗତ ରବିବାର ଦିନ ନିଶାସକ୍ତ ଅବସ୍ଥାରେ ଡାକ୍ତର ତାର ପତ୍ନୀ ବଙ୍ଗାଳୀକୁ ପିଟି ଦେବାରୁ ସେ ତଳେ ପଡିଯାଇଥିଲା ଓ ପରେ ତାର ଦେହାନ୍ତ ହୋଇଯାଇଥିଲା । ଘଟଣା ବାବଦରେ ଡାକ୍ତରର ପୁଅ ମିଥୁନ ଦେହୁରୀ ଲିଖିତ ଭାବେ ଅଭିଯୋଗ କରିବା ପରେ ବେତନଟୀ ଥାନାରେ ମାମଲା ନମ୍ବର ୧୭୦/୨୦୧୮ ଦଫା ୩୦୨ ମୂଳେ ରୁଜୁ ହୋଇ ଆଇଆଇସି ନିଜେ ତଦନ୍ତ କରୁଥିଲେ । ମୃତା ବଙ୍ଗାଳୀର ଶବ ବ୍ୟବଚ୍ଛେଦ କରାଯାଇ ପରିବାରକୁ ହସ୍ତାନ୍ତର କରାଯାଇଛି ।

Arunodoya Market, Link Road, Cuttack
ESTD - 2012

କଟକ : ସରସ୍ୱତୀ ଡିଗ୍ରୀ ବିଜ୍ଞାନ କଲେଜ ଠାରେ ରକ୍ତଦାନ ଶିବିର

ପୋଲିଓ କେନ୍ଦ୍ରରେ ଶିଶୁ ଓ ମା'କୁ ମାଡ଼ ଘଟଣାକୁ ନ୍ୟାୟ ମିଳୁନି

ବାଲିକୁଦା,୧୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ବାଲିକୁଦା ଥାନା ଅନ୍ତର୍ଗତ ବୋରିକିନା ଅଙ୍ଗନୱାଡି କେନ୍ଦ୍ରରେ ଶିଶୁ ପୋଲିଓ ଟିକା ନେବାକୁ ଯାଇ ଅଙ୍ଗନୱାଡି କେନ୍ଦ୍ର କର୍ମୀଙ୍କ ଠାରୁ ଶିଶୁ ଓ ମା'କୁ ଲୋକଙ୍କ ଆଗରେ ମାଡମରା ଘଟଣା ସଂପର୍କରେ ବାଲିକୁଦା ଥାନାରେ ଚଳିତ ମାସ ୫।୧୨।୧୮ ତାରିଖରୁ ଅଭିଯୋଗକାରୀ ଅଭିଯୋଗ କରିଥିଲେ ମଧ୍ୟ ଏଯାବତ୍ ଥାନାରେ ମାମଲା ରୁଜୁ କରାଯାଇନାହିଁ । ଘଟଣାରୁ ପ୍ରକାଶ ଚଳିତ ମାସ ୫ତାରିଖରେ ବୋରକିନାର କଳ୍ପନା ସେଠୀ ତାର ୩ବର୍ଷର ଝିଅ ରାନୁକୁ ଟିକା ଦେବା ପାଇଁ କେନ୍ଦ୍ରକୁ ଯାଇଥିଲେ । ସେଠାରେ କାର୍ଯ୍ୟରତ ଅଙ୍ଗନୱାଡୀ କର୍ମୀ ପୂର୍ବ ଶତ୍ରୁତାକୁ ନେଇ ଝିଅର ହାତରେ ଏଭଳି ଛୁଞ୍ଚି ଫୋଡିଦେଇଥିଲେ ଯେ ପିଲାଟି ବହୁତ୍ ଜୋରରେ ଚିତ୍କାର କରିଥିଲା । ଏ ସଂପର୍କରେ ମା କହିବାରୁ ଅଙ୍ଗନୱାଡୀ କର୍ମୀ ଛୁଆଟିକୁ ତଳେ ପକାଇଦେବା ସହିତ ମା'ର ଚୁଟି ଧରି ମାରିବା ସହିତ କାନର ଏକ ସୁନା ଫୁଲକୁ ମଧ୍ୟ ଛିଣ୍ଡାଇ ପକାଇଥିଲେ । ଏ ସଂପର୍କରେ ଦେଖଣାହାରୀ ଚକିତ ହୋଇପଡିଥିଲେ । କଳ୍ପନା ବାଲିକୁଦା ଥାନାରେ ଏତଲା ଦେବାର ୬ଦିନ ବିତିଯାଇଥିଲେ ମଧ ଏ ଘଟଣା ଗଣମାଧମରେ ପ୍ରକାଶ ପାଇଲା ପରେ ଲୋକଦେଖାଣିଆ ଭାବେ ପୋଲିସ ତଦନ୍ତ କରିଛି ହେଲେ ଏପର୍ଯ୍ୟନ୍ତ ମାମଲା ରୁଜୁ କରିନଥିବା ବିଷୟ ଆଲୋଚନାର କେନ୍ଦ୍ରବିନ୍ଦୁ ପାଲଟିଛି । ଏ ସଂପର୍କରେ କଳ୍ପନା ବାଲିକୁଦା ପୋଲିସ, ସିଡିପିଓଙ୍କୁ ଲିଖିତ ଭାବେ ଅଭିଯୋଗ ଦେଇଛନ୍ତି ପରେ ନ୍ୟାୟ ନମିଳିଲେ ଜଗତସିଂହପୁର ଜିଲ୍ଲାପାଳ ଏବଂ ଏସପିଙ୍କୁ ଭେଟିବେ ବୋଲି କୋହଭରା କଣ୍ଠରେ କହିଛନ୍ତି ।

ଚାଷୀଙ୍କୁ ମାଗଣା ବିହନ ଯୋଗାଇଲେ ସେବା ଟ୍ରଷ୍ଟ

ହାଟଡିହି,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ହାଟଡିହି ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ମୁଗୁପୁର ହାଇସ୍କୁଲ ନିକଟରେ ଆଜି ଦିବା ୧୧ ଘଟିକା ସମୟରେ ଜଗତ-ଜନନୀ ସେବା ଟ୍ରଷ୍ଟର ବ୍ଲକ ସଭାପତି ପଦ୍ମନାଭ ଜେନା, କର୍ମୀ ଜିତେନ୍ଦ୍ର ରାଉତ, ଆନନ୍ଦ ଖଟୁଆ, ବୈଲୋଚନ ନାୟକ, ସଂଗ୍ରାମ ଖୁଣ୍ଟିଆଙ୍କ ସହ ସେବା ଟ୍ରଷ୍ଟର ସଂଯୋଜକ ନନ୍ଦ ଚରଣ ଜେନାଙ୍କ ସହାୟତାରେ ହାଟଡିହି ବ୍ଲକର କୋଣ ଅନୁକୋଣରେ ଥିବା ଅଭାବୀ ଚାଷୀଙ୍କୁ ଖରାଦିନ ଚାଷ ପାଇଁ ନିଜ ଚାଷବିଲରେ ଭେଣ୍ଡି, ବାଇଗଣ, କଲରା, ପିଆଜ, ମକା, ବିମ, କାକୁଡି ଇତ୍ୟାଦି ଚାଷ କରି ନିଜର ଅଭାବୀ ପରିବାରର କଷଣ ମେଣ୍ଟାଇବା ନିମନ୍ତେ ମା' ଜଗତ ଜନନୀ ସେବା ଟ୍ରଷ୍ଟ ଦ୍ୱାରା ମଞ୍ଜି ବିହନ ଯୋଗାଇଛନ୍ତି । ମା' ଜଗତ ଜନନୀ ଟ୍ରଷ୍ଟ ଆଗାମୀ ଦିନରେ ହାଟଡିହି ବ୍ଲକରେ ଥିବା ପଞ୍ଚାୟତ ଗୁଡ଼ିକରେ ୫ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କୁ ମଞ୍ଜି ବିହନ ଯୋଗାଇବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହି ଜଗତ ଜନନୀ ସେବା ଟ୍ରଷ୍ଟର ମାଗଣା ବିହନ ବଣ୍ଟନକୁ ଲକ୍ଷ କରି ଶାଳଣିଆଁ, ଗେଡମା, ଡଅଁର , ଆଇତିପୁର, ହାବଳେଶ୍ୱର ଇତ୍ୟାଦି ଗ୍ରାମ ପଞ୍ଚାୟତର ଚାଷୀମାନେ ସମ୍ପୂର୍ଣ୍ଣ ସାହାଯ୍ୟ ପାଇବା ପାଇଁ ଆଶା ବାନ୍ଧିଛନ୍ତି ।

ଗଞ୍ଜେଇ ଜବତ ୨ ଗିରଫ

କୋରାପୁଟ,୧୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କୋରାପୁଟ ସଦର ଥାନା ପୁଲିସ ଦ୍ୱାରା ଚୋରା ଗଞ୍ଜେଇ ଚାଲାଣ ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରା ଯାଇଛି । ସେମାନେ ହେଲେ ଜୟପୁର ନାରୟଣତୋଟା ସାହିର ବିଜୟ କୁମାର ହରିଜନ ଓ ଜୟପୁର ନୂଆସାହି ପ୍ରଥମ ଲାଇନର ନୀଳାଞ୍ଚଳ ସାହୁ ଓରଫ ରାହୁଲ । ଏକ ଗାଡିରେ ଗଞ୍ଜେଇ ଚାଲାଣ କରୁଥିବା ଖବର ପୁଲିସ କର୍ମଚାରୀ ଜୟପୁର-କୋରାପୁଟ ରାଜପଥର କୋଲାବ ହନୁମାନ ମନ୍ଦିର ନିକଟରେ ଜଗି ରହିଥିଲେ । ସେମାନେ ଆସିବା ମାତ୍ରେ ବିଜୟ ଓ ନୀଳାଂଚଳ ଧରିଥିବା ୫ଟି ବ୍ୟାଗ ଯାଂଚ କରି ଗଂଜେଇ ଉଦ୍ଧାର କରିଥିଲେ । ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଆଲୋକ କୁମାର ଅନୁଗୁଳିଆଙ୍କ ଉପସ୍ଥିତିରେ ଜବତ ଗଂଜେଇ ଓଜନ କରା ଯାଇଥିଲା । ପୁଲିସ୍ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ।

ପ୍ରଶାସନକୁ ଅଚଳ କଲେ ଚାଷୀ : ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଲା

ଯାଜପୁର,୧୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ଦାବି ନେଇ ବର୍ଷବର୍ଷ ଧରି ରାଜ୍ୟର ଚାଷୀମାନେ ଆନ୍ଦୋଳନ କରିଆସୁଛନ୍ତି । ସେମାନଙ୍କ ଦାବି ପ୍ରତି ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ପରନ୍ତୁ ସେମାନଙ୍କ ଦାବି, ପଦଯାତ୍ରା ଓ ସତ୍ୟାଗ୍ରହକୁ ସରକାର ପୋଲିସ ଲଗାଇ ବିଫଳ କରିବା ସହ ପ୍ରହାର କରୁଛନ୍ତି । ଚାଷୀମାନଙ୍କ ପଦଯାତ୍ରା ଓ ସତ୍ୟାଗ୍ରହ ପରିପ୍ରେକ୍ଷୀରେ ରାଜ୍ୟ ସରକାର ଚାଷୀମାନଙ୍କ ପେନସନ୍ କଥା ବିଚାରକୁ ନେବେ ବୋଲି ମନ୍ତ୍ରୀସ୍ତରୀୟ କମିଟିରେ ନିଷ୍ପତ୍ତି ନେଇଥିଲେ । ମାତ୍ର ରାଜ୍ୟ ସରକାର ତାହା ପୂରଣ ନକରିବାରୁ ଏହାର ପ୍ରତିବାଦରେ ରାଜ୍ୟ ନବନିର୍ମାଣ କୃଷକ ସଙ୍ଗଠନର ପ୍ରତିଷ୍ଠାତା ତଥା ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଭୁବନେଶ୍ୱରରେ ଅନଶନରେ ବସିରହିଥିଲେ । ଅକ୍ଷୟ କୁମାରଙ୍କ ଅନଶନକୁ ସମର୍ଥନ କରି ଯାଜପୁର ଜିଲ୍ଲା ନବନିର୍ମାଣ କୃଷକ ସଙ୍ଗଠନର ଚାଷୀଭାଇମାନେ ରାଜ୍ୟ ସହ-ସଂଯୋଜକ ନିମାଇଁ ରାୟ ଓ ଜିଲ୍ଲା-ସଂଯୋଜକ ଦୁର୍ଗାପ୍ରସାଦ ଦାଶଙ୍କ ନେତୃତ୍ୱରେ ସୋମବାରଠାରୁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନରେ ବସିରହିଥିଲେ । ମଙ୍ଗଳବାର ଦିନ ଚାଷୀମାନେ ସେମାନଙ୍କ ଦାବି ହାସଲ ପାଇଁ ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ସରକାରୀ ଅଫିସ୍ ସମୟରେ ତାଲା ପକାଇ ଦେଇଥିଲେ । ମାତ୍ର ସରକାରୀ କାର୍ଯ୍ୟ ଥିବାରୁ ଅଫିସ ସମୟ ଆଗରୁ ଜିଲ୍ଲାପାଳ ରଞ୍ଜନ କୁମାର ଦାସ କାର୍ଯ୍ୟାଳୟରେ ପହଞ୍ଚି ସାରିଥିଲେ । ଚାଷୀମାନେ ଜିଲ୍ଲାପାଳଙ୍କ ସରକାରୀ କାର୍ଯ୍ୟାଳୟରେ ତାଲା ପକାଇ ଦେଇଥିବାରୁ କୌଣସି ପଦାଧିକାରୀ ଓ କର୍ମଚାରୀମାନେ କାର୍ଯ୍ୟାଳୟ ପରିସରକୁ ଯାଇପାରିନଥିଲେ । ଦୀର୍ଘ ୪ ଘଣ୍ଟା ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ତାଲା ପଡ଼ିରହିଥିଲା । ତାଲା ପକାଇ ଚାଷୀମାନେ ଆନ୍ଦୋଳନ ଚାଲୁ ରଖିଥିଲେ । ଏହି ପରିପ୍ରେକ୍ଷୀରେ ଯାଜପୁର ଥାନା ଓ ସଦର ଥାନା ପକ୍ଷରୁ ଶାନ୍ତିଶୃଙ୍ଖଳା ନିମନ୍ତେ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା । ଚାଷୀମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ତାଲା ପକାଇ ଆନ୍ଦୋଳନ ଚାଲୁ ରଖିଥିବାବେଳେ ଘଟଣାସ୍ଥଳରେ ଏସ୍‌ଡ଼ିପିଓ ପ୍ରଶାନ୍ତ କୁମାର ମଲ୍ଲ ଓ ତହସିଲଦାର ସୁନୀଲ କୁମାର ମେହେର ପହଞ୍ଚି ଚାଷୀମାନଙ୍କୁ ବୁଝାଇ ସେମାନଙ୍କ ଦାବୀକୁ ସରକାରଙ୍କୁ ଜଣାଇବା ସହ ପ୍ରତିକାର ବ୍ୟବସ୍ଥା କରିବେ ବୋଲି ନିର୍ଭର ପ୍ରତିଶ୍ରୁତି ଦେବାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ ।

ଟ୍ରକ୍-ବାଇକ୍ ମୁହାଁମୁହିଁ ଧକ୍କା : ୨ ମୃତ

ସୋର,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ସୋର-ମଙ୍ଗଳପୁର ରାସ୍ତାର ଆଙ୍ଗୁଳା ଛକ ଠାରେ ଆଜି ସକାଳ ୭ଟା ସମୟରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସ୍ଥାନୀୟ ଲୋକେ ଉତ୍ତେଜିତ ହୋଇ ଏହି ରାସ୍ତାରେ ଟାୟା ଜାଳି ଦୀର୍ଘ ସମୟ ରାସ୍ତା ଅବରୋଧ କରିଥିବା ବେଳେ ସେମାନଙ୍କୁ ବୁଝାସୁଝା କରିବାକୁ ଯାଇ ପୁଲିସ ପ୍ରଶାସନକୁ ନାକେଦମ୍ ହେବାକୁ ପଡିଛି। ବାହାନଗା ବ୍ଲକ ଅନ୍ତର୍ଗତ ପାଖରା ଗ୍ରାମର ଶ୍ରୀଧର ପରିଡାଙ୍କ ପୁଅ ପ୍ରଶାନ୍ତ(୩୩) ସେହି ଗ୍ରାମର ସଂପର୍କୀୟ କାଳିଆ ରାଉତ(୩୨)ଙ୍କୁ ବାଇକ୍‌ରେ ନେଇ ବାଗୁଡିକୁ ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଏକ ପଥର ବୋଝେଇ ଟ୍ରକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଏଥିରେ ଗୁରୁତର ଥିବା ଦୁଇଜଣଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିବା ପରେ ଡାକ୍ତର ପ୍ରଶାନ୍ତଙ୍କୁ ମୃତ ଘୋଷଣା କରିଥିଲେ। କାଳିଆଙ୍କୁ ବାଲେଶ୍ୱର ସ୍ଥାନାନ୍ତର କରାଯାଉଥିବା ବେଳେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ରାସ୍ତାରେ ଶତାଧିକ ଟ୍ରକ୍ ବେପରୁଆ ଭାବେ ଦ୍ରୁତଗତିରେ ଗାଡି ଚଳାଉଥିବାରୁ ଛୋଟ ବଡ ଦୁର୍ଘଟଣାରେ ଧନଜୀବନ କ୍ଷୟ ଘଟୁଥିଲେ ବି ପୁଲିସ ପ୍ରଶାସନ ନିରବଦ୍ରଷ୍ଟା ସାଜିଥିବାରୁ ଲୋକେ ଏନେଇ ଆବଶ୍ୟକ ପଦକ୍ଷେପ ଦାବିରେ ପୁଲିସ ପ୍ରଶାସନ ସହ ମୁହାଁମୁହିଁ ହୋଇଥିଲେ। ସୋର ତହସିଲଦାର ଦେବୀପ୍ରସାଦ ମିଶ୍ର ଓ ସୋର ଥାନା ଭାରପ୍ରାପ୍ତ ଅଧିକାରୀ କ୍ଷମାସାଗର ପଣ୍ଡା ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରି ତୁରନ୍ତ ଏନେଇ ଟ୍ରକ୍ ମାଲିକ ସଂଘ, ଖାଦାନ ସଂଘ ସହ ଆଲୋଚନା କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେବା ସହ ମୃତକଙ୍କ ପରିବାରକୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର କରି ଦେବା ସହ ଟ୍ରକ୍ ମାଲିକ ସଂଘ ତତ୍ତ୍ୱାବଧାନରେ ଆର୍ଥିକ ସହାୟତା ଦେବା ପରେ ଅପରାହ୍ନ ୩ଟାରେ ରାସ୍ତା ଅବରୋଧ ହଟିଥିଲା। ସୋର ପୁଲିସ କେସ୍ ନଂ ୫୧୯/୧୮ରେ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି।

ବିଇଓଙ୍କ ବଦଳି ବାତିଲ୍ ଦାବିକୁ ନେଇ ଧାରଣାରେ ବସିବ ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି

କପ୍ତିପଦା,୧୨।୧୨
ଏକ୍ସପ୍ରେସ୍ ନ୍ୟୁଜ୍

କପ୍ତିପଦା ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ ବଦଳି ବାତିଲ ଦାବୀକୁ ନେଇ ବିଭିନ୍ନ ମହଲରେ ପ୍ରତିବାଦର ସ୍ୱର ଉଠୁଛି . । ପ୍ରକାଶ ଥାଉ କି, ମାତ୍ର ୪ମାସ ତଳେ କପ୍ତିପଦା ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ ଯୋଗ ଦେଇଥିବା ବିନୋଦ ସିଂଙ୍କୁ ବଦଳି କରାଯାଇଛି । ତେବେ ଏହି ବଦଳି ଉଦ୍ଦେଶ୍ୟ ପ୍ରଣୋଦିତ ହୋଇଥିବାରୁ ଏହାକୁ ବାତିଲ କରିବା ପାଇଁ ବିଭିନ୍ନ ସଂଗଠନ ପକ୍ଷରୁ ଏକ ଦାବୀପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କପ୍ତିପଦା ବିଡିଓଙ୍କୁ ପ୍ରଦାନ କରାଯାଇଥିଲା ଓ ଏଥିନେଇ ଗତ ୭ ତାରିଖଦିନ କପ୍ତିପଦାର ସମସ୍ତ ସରକାରୀ କାର୍ଯ୍ୟାଳୟ ସହିତ ବିଦ୍ୟାଳୟ ଓ କଲେଜଗୁଡିକୁ ବନ୍ଦ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଥିଲା । ତେବେ ସେହିଦିନ ଉପ ନିର୍ବାଚନର ଭୋଟଗଣତି ଓ ଛାତ୍ରଛାତ୍ରୀଙ୍କ ପରୀକ୍ଷା ଥିବାରୁ ଉକ୍ତ ବନ୍ଦ ଡାକରାକୁ ସ୍ଥଗିତ ରଖାଯାଇଥିଲା । ତେବେ ବିଇଓଙ୍କ ବଦଳି ବାତିଲ ଦାବିରେ ଆସନ୍ତା ୧୬ତାରିଖରେ ସମସ୍ତ ସରକାରୀ ଓ ବେସରକାରୀ ଅନୁଷ୍ଠାନଗୁଡିକ ସାମ୍ନାରେ ୨ଦିନ ଧରି ଧାରଣା ପ୍ରଦାନ କରାଯିବ ଯଦି ୨ଦିନ ମଧ୍ୟରେ ବିଇଓଙ୍କ ବଦଳି ବାତିଲ୍ ସଂପର୍କରେ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ନଗଲେ ଆସନ୍ତା ୧୮ ତାରିଖ ବୁଧବାର ଦିନଠାରୁ କପ୍ତିପଦା ମିଳିତ ଉନ୍ନୟନ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କପ୍ତିପଦାକୁ ସଂଯୋଗ କରିଥିବା ସମସ୍ତ ମୁଖ୍ୟରାସ୍ତା, ଦୋକାନ ବଜାର ଓ ସମସ୍ତ ସରକାରୀ ଦପ୍ତରକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରାଯିବ ବୋଲି କମିଟି ପକ୍ଷରୁ କପ୍ତିପଦା ବିଡିଓଙ୍କୁ କମିଟି ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଇଓ ବିନୋଦ ସିଂ ଚଳିତ ବର୍ଷ ଗତ ଜୁଲାଇ ମାସ ୩୦ତାରିଖରେ ସୁଦୂର ମାଲକାନଗିରିରୁ ଆସି କପ୍ତିପଦା ବିଇଓ ଭାବେ ଯୋଗଦାନ କରିଥିଲେ । ଶ୍ରୀ ସିଂ ଆସିବା ପରେ ସ୍ଥାଣୁ ପାଲଟିଥିବା କପ୍ତିପଦା ଶିକ୍ଷାବିଭାଗ ଚଳଚଞ୍ଚଳ ହୋଇଉଠିଥିଲା । ଶିକ୍ଷା ବିଭାଗରେ ସଂସ୍କାର ଆଣିବା ପାଇଁ ସରକାରୀ କାର୍ଯ୍ୟକୁ ଅଣଦେଖା, ବିଳମ୍ବ, ବିନା କାରଣରେ ବିଦ୍ୟାଳୟରେ ଅନୁପସ୍ଥିତ ରହିବା, ଶିକ୍ଷାନୁଷ୍ଠାନରେ କଦର୍ଯ୍ୟ ବ୍ୟବହାର ଆଦି ଆପତ୍ତିଜନକ କାର୍ଯ୍ୟ ପାଇଂ କେତେକ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଦରମା ବନ୍ଦ ସହିତ ଆଉ କେତେକ ଶିକ୍ଷକଙ୍କ ଚାକିରୀରୁ ବିଇଓ ଶ୍ରୀସିଂ ନିଲମ୍ବିତ କରିଥିଲେ । ଏଥିସହିତ ବିଭିନ୍ନ ବିଦ୍ୟାଳୟର ଛାତ୍ରାବାସର କାଗଜପତ୍ରରେ କଡା ହିସାବ ମାଗିବାରୁ ଏହା କେତେକଙ୍କ ଗାତ୍ରଦାହ ହୋଇଥିଲା । ଏପରିକି ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କ ଉପସ୍ଥାନ ବୃଦ୍ଧି ସକାଶେ କପ୍ତିପଦା ବ୍ଲକରେଥିବା ସମସ୍ତ ପଞ୍ଚାୟତର ଲୋକପ୍ରତିନିଧିମାନଙ୍କୁ ଏକ ବୈଠକରେ ମିଳିତ କରାଇ ଏକ ନିର୍ଯ୍ୟାସ ମଧ ବାହାର କରିଥିଲେ । ତାସହିତ ବିଦ୍ୟାଳୟ ପରିସରକୁ ପରିଷ୍କାର ପରିଚ୍ଛନ୍ନତା ରଖିବା ପାଇଁ ଅନେକ ପଦକ୍ଷେପ ଗ୍ରହଣ କରିଥିଲେ । ଯାହା କେତେକ ମୁଷ୍ଟିମେୟ ଶିକ୍ଷକଙ୍କ ଗାତ୍ରଦାହ ହୋଇଥିଲା । ଫଳରେ ସେମାନେ କେତେକ କୁଚକ୍ରୀ ନେତାଙ୍କ ଦ୍ୱାରା ବିଇଓ ଶ୍ରୀସିଂଙ୍କୁ ଗତ ୨୭ତାରିଖରେ ରାସଗୋବିନ୍ଦପୁର ବ୍ଲକକୁ ବଦଳି କରାଇଛନ୍ତି । ତେବେ ଶିକ୍ଷାକ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ପାଇଁ ଉଦ୍ୟମ କରୁଥିବା ଜଣେ ଅଧିକାରୀଙ୍କୁ କାହିଁକି ବଦଳି କରାଯାଇଛି ତାହାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷର ଦାନା ବାନ୍ଧୁଛି ।

ବିଜେଡିରେ ନିମାପଡା-ଗୋପ ନବନିର୍ମାଣ ପରିଷଦ ଅଧକ୍ଷ ମିଶିବାକୁ ନେଇ ଚର୍ଚ୍ଚା !

ନିମାପଡ଼ା,୧୨।୧୨ : ଏକ୍ସପ୍ରେସ୍ ନ୍ୟୁଜ୍

ଦେଶର ୪ଟି ରାଜ୍ୟ ନିର୍ବାଚନ ଫଳାଫଳକୁ ନେଇ ନିମାପଡା ରାଜନୀତିରେ ଉଷ୍ମତା ଓ ଉତ୍କଣ୍ଠା ବଢିବାରେ ଲାଗିଛି। ବିଧାୟକ ସମୀର ରନ ଦାଶଙ୍କୁ ଟକ୍କର ଦେବା ଲାଗି ନିମାପଡା-ଗୋପ ନବନିର୍ମାଣ ପରିଷଦ ଅଧ୍ୟକ୍ଷ ତଥା ଗରିବଙ୍କ ବନ୍ଧୁ ଭାବେ ପରିଚିତ ଦିଲ୍ଲୀପ ନାୟକ ଗତ ୨ବର୍ଷ ହେଲା ଅଣ୍ଟା ଭିଡିଥିବା ବେଳେ କେଉଁ ଦଳରେ ସେ ଲଢିବେ ସେଥିନେଇ ନାନା ଆଲୋଚନା ଚାଲିଛି। ଗତ ଦୁର୍ଗାପୂଜା ସମୟରେ ନିର୍ବାଚନ ମଣ୍ଡଳୀ ସାରା ଶ୍ରୀ ନାୟକଙ୍କ ଅଭିନନ୍ଦନ ହୋର୍ଡିଂ ଲାଗିଥିଲା। ସେଥିରେ କେବଳ ସମୃଦ୍ଧଶାଳୀ ନିମାପଡା ଗଠନ ପାଇଁ ନିବେଦନ କରାଯାଇଥିଲା। କୌଣସି ଦଳୀୟ ଚିହ୍ନ କିମ୍ବା ନେତାଙ୍କ ଫଟୋ ନଥିବାରୁ ସାଧାରଣ ଜନତାଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କି ମାରିଛି। ବିଜେଡିରେ ସାମିଲ ହୋଇ ଦଳୀୟ ଟିକେଟ୍ ପାଇବା ସୁନିଶ୍ଚିତ ବୋଲି କେତେକ ଆଗଧାଡିର କର୍ମୀ କହୁଥିବା ବେଳେ ଦଳର ନେତା, ଗ୍ରା.ପ. ସଭାପତି, ସରପଞ୍ଚ, ପୂର୍ବତନ ଜନପ୍ରତିନିଧିମାନେ ଏହାକୁ ସହଜେ ଗ୍ରହଣ କରିପାରୁନାହାନ୍ତି। ସମୀର ବାବୁଙ୍କ ପ୍ରତି ଅସନ୍ତୋଷ ବୃଦ୍ଧି ପାଉଥିବା କର୍ମୀଙ୍କ ମୁହଁରୁ ଶୁଣିବାକୁ ମିଳୁଥିବା ବେଳେ ତାଙ୍କୁ ଟିକେଟରୁ ବଞ୍ଚିତ କରିବା ଏତେଟା ସହଜ ନୁହେଁ ବୋଲି ମଧ୍ୟ ଆଲୋଚନା ଚାଲିଛି। ତେବେ ଦିଲ୍ଲୀପ ବାବୁଙ୍କୁ ପଚାରିବାରେ ନିମାପାଡା ବାସୀଙ୍କ ଶ୍ରଦ୍ଧା ଓ ଶୁଭେଚ୍ଛାକୁ ଭୁଲି ନପାରି ସେବା କରିବା ମୋର ଧର୍ମ ଏବଂ କରିଚାଲିବି ବୋଲି କହିଥିଲେ। ସାମଗ୍ରିକ ବିକାଶକୁ ପ୍ରାଧାନ୍ୟ ଦେଇଆସୁଛି, ଗାଁ ଗହଳି ଜନସାଧାରଣଙ୍କ ସୁଖଦୁଃଖରେ ସାମିଲ ହୋଇ କାମ କରିବାକୁ ଶପଥ ନେଇଛି । ତେବେ ରାଜନୈତିକ ଦଳର ଉଚ୍ଚ ନେତୃବର୍ଗ ଯାହା ନିଷ୍ପତ୍ତି ନେବେ ତାହା ମୁଣ୍ଡ ନୁଆଁଇ ମାନିନେବି ବୋଲି କହିଥିଲେ। ରାଜନୀତିରେ ରୁଚି ରଖୁଥିବା ଲୋକଙ୍କ ମତ ହେଲା ବିଜେଡି ଯଦି ମାପିଚୁପି ପ୍ରାର୍ଥୀ ନ ଦେଲା ତେବେ ଦଳ ହାତରୁ ନିମାପଡା ଆସନ ଚାଲିଯିବା ସୁନିଶ୍ଚିତ। ବିଜେପି ସଙ୍ଗଠନ ମଧ୍ୟ ଏଠାରେ ଆଶାଜନକ ସ୍ଥିତିରେ ଅଛି। ଏଠାକାର ନେତୃତ୍ୱଙ୍କ ସାଙ୍ଗଠନିକ ଶକ୍ତିକୁ ବିଜେଡି ଚ୍ୟାଲେ କରିବା ସହ ତାତ୍ସଲ୍ୟ କରୁଥିବା ଲକ୍ଷ୍ୟ କରାଯାଇଛି। ସାଧାରଣ ଭୋଟର ବିଜେପି ଦଳ ପ୍ରତି ମଧ୍ୟ ଆସ୍ଥା ରଖିଥିବା ଜୋରଦାର ଆଲୋଚନା ଚାଲିଛି। ବିଭିନ୍ନ ଦଳର ଦଳୀୟ ପ୍ରାର୍ଥୀଙ୍କ ସହ କଡା ମୁକାବିଲା ଦିଲ୍ଲୀପଙ୍କ ସଙ୍ଗେ ହେବ ବୋଲି ସ୍ପଷ୍ଟ ପରିଲକ୍ଷିତ ହୋଇଛି। ତେବେ ସାଧାରଣ ନିର୍ବାଚନ ଯେତିକି ପାଖେଇ ଆସୁଛି ଦଳବଦଳ ଓ ମିଶ୍ରଣ ପ୍ରକ୍ରିୟାକୁ ସବୁ ଦଳ ଗୁରୁତ୍ୱ ଦେଇ ଆସୁଥିବା ଲକ୍ଷ କରାଯାଇଛି। କଂଗ୍ରେସ ଦଳରୁ ଜିଲ୍ଲା ସଭାପତି ସତ୍ୟବ୍ରତ ପାତ୍ର ପ୍ରାର୍ଥୀ ହେବା ଏକରକମ ଚୁଡାନ୍ତ ହୋଇଥିବା ଆଲୋଚନା ଚାଲିଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ସବୁ କିଛି ସ୍ପଷ୍ଟ ହୋଇଯିବ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଇଛନ୍ତି। ତେବେ ଦିଲ୍ଲୀପଙ୍କୁ କେଉଁ ଦଳର ଟିକେଟ ମିଳିବ ତାହା ସାଧାରଣରେ ଆଲୋଚନାର ବିଷୟ ପାଲଟିଛି।